ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବୌଦ୍ଧ

(ସ୍ଥାପନ ଉପ ବିଭାଗ )

# ବିଜ୍ଞାପନ

ବୌଦ୍ଧ, ତାରିଖ: ୧୨.୧୨.୨୦୧୮

ସଂଖ୍ୟା. ୧୦୪୨୨ /XVIII/16/2019 /ଅସ୍ଥାୟୀ ଭାବରେ ରାଜସ୍ୱ ନୀରିକ୍ଷକ, ଅତିରିକ୍ତ ରାଜସ୍ୱ ନୀରିକ୍ଷକ ଓ ଅମିନ ପଦବୀରେ ଅବସର ପ୍ରାପ୍ତ ଇଚ୍ଛୁକ ରାଜସ୍ୱ ନୀରିକ୍ଷକ, ଅତିରିକ୍ତ ରାଜସ୍ୱ ନୀରିକ୍ଷକ ଓ ଅମିନ ମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଉକ୍ତ ପଦବୀ ଗୁଡିକ ଚୁକ୍ତିଭିତିକ ସହିତ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ପାରିଶ୍ରମିକ ଅନୁଯାୟୀ ପୂରଣ କରାଯିବ ।

ସମ୍ପୂର୍ଣ ଦରଖାସ୍ତ ଗୁଡିକ ରେଜିଷ୍ଟ୍ରି / ଗତିଶୀଳ ଡାକ ଯୋଗେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ୨୪/୧୨/୨୦୧୮ ସୁଦ୍ଧା ପହଞ୍ଚିବା ଆବଶ୍ୟକ ଅଟେ ।

ଅସମ୍ପୂର୍ଣ/ ତ୍ରୁଟିଯୁକ୍ତ କିମ୍ବା ନିର୍ଦ୍ଧାରିତ ତାରିଖ ପରେ ପ୍ରାପ୍ତ ଦରଖାସ୍ତ ଗୁଡିକ ବିଚାର ପରିସରକୁ ନିଆଯିବ ନାହିଁ ଏବଂ ଆପେ ଆପେ ରଦ୍ଦ ହୋଇ ଯିବ । ବିଳମ୍ବରେ ଡାକ ଯୋଗେ ପ୍ରାପ୍ତ ଦରଖାସ୍ତ ପାଇଁ ଜିଲ୍ଲା ପ୍ରଶାସନ ଦାୟୀ ରହିବ ନାହିଁ ।

<u>ଯୋଗ୍ୟତା</u>

କ) ଯେଉଁ ସରକାରୀ କର୍ମଚାରୀ ନିର୍ଦ୍ଧାରିତ ବୟସରେ ଚାକିରିରୁ ଅବସର ନେଇଥିବେ ଏବଂ ତାଙ୍କର ବୟସ ୬୫ ( ପଞ୍ଚଷଠି) ବର୍ଷରୁ ଅଧିକ ହୋଇନଥିବେ ।

ଖ) ଚାକିରୀ ଜୀବନରେ ଉତ୍ତମ ସେବା କରିଥିବା ସହିତ ବର୍ତ୍ତମାନ କାମ କରିବା ପାଇଁ ଶାରୀରିକ ହିସାବରେ ସକ୍ଷମ ଥିବେ ।

ଗ) ଅବସର ସମୟର ଅତୀତ ପାଞ୍ଚ ବର୍ଷ ମଧ୍ୟରେ ତାଙ୍କ ବିରୁଦ୍ଧରେ କୌଣସି ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କିମ୍ବା ଅଦାଲତ ମକଦ୍ଦମା ହୋଇନଥିବ କିମ୍ବା ସେ କୌଣସି ଦୁର୍ନୀତି ମୂଳକ କାର୍ଯରେ ଲିପ୍ତନଥିବେ

ଘ) ଉକ୍ତ ପଦବୀ ପାଇଁ ଆବେଦନ କରିଥିବା ବ୍ୟକ୍ତିଙ୍କ ଏକାଧିକ ଜୀବିତ ପତ୍ନୀ ନଥିବେ ।

<u>ନିଯୁକ୍ତି ନୀତି ଓ ନିଯମାବଳୀ</u>

କ) ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗଙ୍କ କାର୍ଯ୍ୟାଳୟ ସ୍ମାରକ ପତ୍ର ସଂ. ୭୦୭୨/ ଅର୍ଥ ତା: ୧୭.୦୩.୨୦୧୮ ଙ୍କ ପ୍ରକାରେ ପୁନଃ ନିଯୁକ୍ତି ପାଇଥିବା ବ୍ୟକ୍ତି ମାନେ ତଳ ଲିଖିତ ମାସିକ ପାରିଶ୍ରମିକ ପାଇବେ ।

| କ୍ର. ସଂ. | ପଦବୀର ନାମ | ସଂଶୋଧିତ ଦରମା ହାର, ୨୦୧୭ ପ୍ରକାରେ ଦରମା ସ୍ତର | ମାସିକ ପାରିଶ୍ରମିକ |
|---|---|---|---|
| ୧ | ୨ | ୩ | ୪ |
| ୧ | ରାଜସ୍ୱ ନୀରିକ୍ଷକ | ସ୍ତର-୦୯ | ଟ. ୧୩,୦୦୦/- |
| ୨ | ଅତିରିକ୍ତ ରାଜସ୍ୱ ନୀରିକ୍ଷକ | ସ୍ତର-୦୪ | ଟ. ୬,୫୦୦/- |
| ୩ | ଅମିନ | ସ୍ତର-୦୩ | ଟ. ୬,୫୦୦/- |

ଖ)   ପୁନଃ ନିଯୁକ୍ତି କାର୍ଯ୍ୟକାଳ ୬ ମାସ କିମ୍ବା ନିଯୁକ୍ତି ଭାବେ ପୂରଣ ଯେଉଁଠି ପ୍ରଥମେ ହେବ ।

ଗ)   ପୁନଃ ନିଯୁକ୍ତ ବ୍ୟକ୍ତିମାନେ ଓଡ଼ିଶା ସରକାରଙ୍କ ଆଚରଣ ବିଧି ୧୯୫୯ ର ବିଧିବ୍ୟବସ୍ଥାର ପରିସରଭୁକ୍ତ ହେବେ ଓ କୌଣସି ଅସଦାଚରଣ ପାଇଁ ନିୟମ ଅନୁଯାୟୀ ଦଣ୍ଡିତ ହେବେ । ଉପରୋକ୍ତ ବ୍ୟକ୍ତି ମାନେ ଓଡ଼ିଶା ପେନସନ ନିୟମ ୧୯୯୨ ଓ ଓଡ଼ିଶା ବେସାମରିକ ଶ୍ରେଣୀବିନ୍ୟାସ , ନିୟନ୍ତ୍ରିତ ଓ ଆପତ୍ତି ୧୯୬୨ ର ପରିସରଭୁକ୍ତ ହେବେ।

ଘ)   ପୁନଃ ନିଯୁକ୍ତି ପାଇଥିବା ବ୍ୟକ୍ତି ମାନଙ୍କୁ ଯେ କୌଣସି ସମୟରେ ତାଙ୍କର ଅସନ୍ତୋଷ ଜଣକ ପ୍ରଦର୍ଶନ ପାଇଁ ଏକ ମାସର ନୋଟିସ ଦିଆଯାଇ କାର୍ଯ୍ୟରୁ ନିବୃତ କରାଯିବ । ଯଦି ପୁନଃ ନିଯୁକ୍ତି ପାଇଥିବା ବ୍ୟକ୍ତି କାର୍ଯ୍ୟରୁ ଇସ୍ତଫା ଦେବାକୁ ଚାହିଁବେ ତାହେଲେ ନିମ୍ନସ୍ୱାକ୍ଷର କାରୀଙ୍କୁ ଲିଖିତ ଭାବରେ ଏକ ମାସ ପୂର୍ବରୁ ଲିଖିତ ଭାବରେ ଜଣାଇବେ ।

<u>ଦରଖାସ୍ତ ଫର୍ମରେ ସଲଗ୍ନ କରାଯିବା ଦସ୍ତାବିଜ ମାନଙ୍କର ତାଲିକା</u>

କ)   ୨ ଗୋଟି ନିଜ ପ୍ରତିସ୍ୱାକ୍ଷର ସାଂପ୍ରତିକ ପାରପତ୍ର ଆକାର ଆଲୋକଚିତ୍ର ।(self attested pass port size recent photograph)

ଖ)   ନିଜ ପ୍ରତିସ୍ୱାକ୍ଷର ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ର ନକଲ ।

ଗ)   ଗୋଟିଏ ମାତ୍ର ପତି କିମ୍ବା ପତ୍ନୀର ସତ୍ୟପାଠ ।

ଘ)   ଅବସର ଗ୍ରହଣ କରିଥିବା ସରକାରୀ କର୍ମଚାରୀଙ୍କ ସେବା ପୁସ୍ତିକା ର ସ୍ୱାକ୍ଷର କରିଥିବା ପ୍ରଥମ ପୃଷ୍ଠାର ଅବିକଳ ନକଲ ।

ଙ)   ଅବସର ଗ୍ରହଣ କରିଥିବା ସରକାରୀ କର୍ମଚାରୀଙ୍କ ପେନସନ ପ୍ରଦାନ ଆଦେଶ ର ସ୍ୱୟଂ ସ୍ୱାକ୍ଷର କରିଥିବା ପ୍ରଥମ ପୃଷ୍ଠା ର ଅବିକଳ ନକଲ

(signature) ୧୨/୧୨/୧୮
ଜିଲ୍ଲାପାଳ, ବୌଦ୍ଧ

ପରିପତ୍ର ସଂଖ୍ୟା ୧୦୪୬୭/ତାରିଖ ୧୨.୧୨.୧୮

ଏହାର ଏକକିତ ନକଲ ଜିଲ୍ଲା ପ୍ରଯୁକ୍ତିବିଦ୍ୟା ଅଧିକାରୀ, ଜାତୀୟ ପ୍ରଯୁକ୍ତିବିଦ୍ୟା କେନ୍ଦ୍ର, ବୌଦ୍ଧଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ NIC web site ରେ ଉପସ୍ଥାପନ କରାଇବେ ।

ଏହାର ଏକକିତ ନକଲ ଜିଲ୍ଲା କାର୍ଯ୍ୟାଳୟ ର ନୋଟିସ ବୋର୍ଡ , ସମସ୍ତ ପଞ୍ଚାୟତ ସମିତି/ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡ ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା

(signature) ୧୨/୧୨/୧୮
ଜିଲ୍ଲାପାଳ, ବୌଦ୍ଧ

## ଦରଖାସ୍ତ କରିବା ପାଇଁ ନିର୍ଦ୍ଧାରଣ ଫର୍ମ

କେଉଁ ପଦବୀ ପାଇଁ ଦରଖାସ୍ତ::-

୧) ନାମ:-

୨) ବାପାଙ୍କ ନାମ:-

୩) ଠିକଣା:- କ) ସ୍ଥାୟୀ ଖ)ବର୍ତ୍ତମାନ

୪) ଜନ୍ମ ତାରିଖ:-

୫) ଅବସର ଗ୍ରହଣ ତାରିଖ:-

୬) ଶିକ୍ଷାଗତ ଯୋଗ୍ୟତା:-

୭) ଅବସର ଗ୍ରହଣ ସମୟରେ କାର୍ଯ୍ୟ କରିଥିବା ପଦବୀର ନାମ:-

୮) ଶେଷ କାର୍ଯ୍ୟର କାର୍ଯ୍ୟକାଳର ନାମ:-

୯) ବିଗତ ପାଞ୍ଚ ବର୍ଷ ମଧ୍ୟରେ କୌଣସି ବିଭାଗୀୟ କାର୍ଯ୍ୟାନୁଷ୍ଠାନ /
ଫୌଜଦାରୀ ମକଦ୍ଦମା / ଦୁର୍ନୀତି ନିବାରଣ ମକଦ୍ଦମା ଦାଏର/
ମନସ୍ଥ ହେଉଥିଲେ ତାହାର ସବିଶେଷ ବିବରଣୀ

### ସତ୍ୟପାଠ

ମୋର ଜ୍ଞାନ ଓ ବିଶ୍ବାସ ଯେ ଉପର ଲିଖିତ ସମସ୍ତ ସୂଚନା ସତ୍ୟ ଅଟେ ।

ଦରଖାସ୍ତକରୀଙ୍କ ସ୍ୱାକ୍ଷର